# NATIONAL NEWS BULLETIN (ODIA)

## 18 February - 2026

## Morning Bulletin : 7.15 a.m.

********************************

## ମୁଖ୍ୟ ସମ୍ବାଦ

- ଭାରତ କୃତ୍ରିମ ବୁଦ୍ଧିମତା ପ୍ରଭାବ ସମ୍ମିଳନୀ ୨୦୨୬ ଅବସରରେ ନୂଆଦିଲ୍ଲୀଠାରେ ବିଭିନ୍ନ ରାଷ୍ଟ୍ର ନେତାଙ୍କ ସହ ଆଜି ସାକ୍ଷାତ ଆଲୋଚନା କରିବେ ପ୍ରଧାନମନ୍ତ୍ରୀ ।

– ସମ୍ମିଳନୀର ତୃତୀୟ ଦିବସରେ ଆଜି ଅନୁଷ୍ଠିତ ହେବ ଗବେଷଣା ଭିତ୍ତିକ ଆଲୋଚନାଚକ୍ର ।

- ଆସନ୍ତା **G-7** ଶିଖର ସମ୍ମିଳନୀରେ ଯୋଗଦେବା ଲାଗି ପ୍ରଧାନମନ୍ତ୍ରୀଙ୍କୁ ନିମନ୍ତ୍ରଣ କଲେ ଫ୍ରାନ୍ସ ରାଷ୍ଟ୍ରପତି ।

- ବିଶାଖାପାଟଣାଠାରେ ଆନ୍ତର୍ଜାତିକ ଫ୍ଲିଟ୍ ରିଭ୍ୟୁ ୨୦୨୬ କାର୍ଯ୍ୟକ୍ରମରେ ଆଜି ଯୋଗଦେବେ ରାଷ୍ଟ୍ରପତି ।

- ପଶ୍ଚିମବଙ୍ଗରେ ଆଇପାକ୍ କାର୍ଯ୍ୟାଳୟ ତଦନ୍ତ ନେଇ ଇଡି ପକ୍ଷରୁ ଦାଏର ମାମଲା ଉପରେ ଆଜି ସୁପ୍ରିମ୍‌କୋର୍ଟ୍‌ରେ ହେବ ଶୁଣାଣି ।

ଏବଂ

- ପୁରୁଷ ଟି-ଟ୍ୱେଣ୍ଟି ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗିତାରେ ଭାରତ ଓ ନେଦରଲ୍ୟାଣ୍ଡ ମଧ୍ୟରେ ଅନୁଷ୍ଠିତ ହେବ ଆଜିର ତୃତୀୟ ମ୍ୟାଚ୍ ।

## ପିଏମ୍-ବାଇଲେଟରାଲ୍ସ

ଭାରତ କୃତ୍ରିମ ବୁଦ୍ଧିମତା ପ୍ରଭାବ ସମ୍ମିଳନୀ ୨୦୨୬ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀଠାରେ ବିଭିନ୍ନ ରାଷ୍ଟ୍ର ନେତାଙ୍କ ସହ ସାକ୍ଷାତ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି । ସ୍ପେନ୍ ରାଷ୍ଟ୍ରପତି ପେଡ୍ରୋ ସାଞ୍ଚେଜ୍, ଫିନ୍‌ଲାଣ୍ଡ ପ୍ରଧାନମନ୍ତ୍ରୀ ଆଣ୍ଟି ପେଟେରୀ ପୋର୍‌ପୋ, ସର୍ବିୟା ରାଷ୍ଟ୍ରପତି ଆଲେକ୍‌ଜାଣ୍ଡୋ ଭୁସିକ୍, କ୍ରୋଏସିଆ ପ୍ରଧାନମନ୍ତ୍ରୀ ଆଣ୍ଡ୍ରେଜ୍ ପ୍ଲେଙ୍କୋଭିକ୍, ଏଷ୍ଟୋନିଆ ରାଷ୍ଟ୍ରପତି ଆଲାର୍ କାରିସ୍, ଭୁଟାନ୍ ପ୍ରଧାନମନ୍ତ୍ରୀ ଦାସୋ ତେରିଂ ତୋବ୍‌ଗେ ଏବଂ କାଜାଖସ୍ତାନ ପ୍ରଧାନମନ୍ତ୍ରୀ ଓଲଜାହସ୍ ବେକ୍‌ଟେନୋଭ୍‌ଙ୍କ ସହ ସାକ୍ଷାତ ଆଲୋଚନା କରିବେ ।

## ଏଆଇ ସମିଟ୍-ଥ୍ରାଡ୍ ଡେ

ନୂଆଦିଲ୍ଲୀଠାରେ ଚାଲିଥିବା ଭାରତ କୃତ୍ରିମ ବୁଦ୍ଧିମତା ପ୍ରଭାବ ସମ୍ମିଳନୀ ୨୦୨୬ର ଆଜିର ତୃତୀୟ ଦିବସରେ ଗବେଷଣାତ୍ମକ

ଆଲୋଚନାଚକ୍ର ଅନୁଷ୍ଠିତ ହେବାର କାର୍ଯ୍ୟସୂଚୀ ରହିଛି । ଏଷ୍ଟୋନିଆ ରାଷ୍ଟ୍ରପତି ଆଲାର୍ କରିସ୍, ଇଲେକ୍ଟ୍ରୋନିକ୍ସ ଓ ଆଇ.ଟି. ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ ରାଷ୍ଟ୍ର ମନ୍ତ୍ରୀ ଜିତିନ ପ୍ରସାଦଙ୍କ ସମେତ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଏଥିରେ ଅଂଶଗ୍ରହଣ କରିବେ । ଏଥିସହିତ କାର୍ଯ୍ୟ ନିର୍ବାହୀ ଗୋଷ୍ଠୀର ଉଦ୍‌ଘାଟନୀ ଅଧିବେଶନ ଏବଂ ଅନ୍ୟ କେତେକ ପଦକ୍ଷେପର ଶୁଭାରମ୍ଭ କରାଯିବ । ସମ୍ମିଳନୀର ପ୍ରମୁଖ ଦୃଷ୍ଟିକୋଣ, ପ୍ରାଥମିକତା ଏବଂ ଭବିଷ୍ୟତ କାର୍ଯ୍ୟପନ୍ଥା ଉପରେ ଏହି ଆଲୋଚନା ବୈଠକରେ ମତବିନିମୟ ହେବ । ଏହାର ଉପଯୋଗ ମାଧ୍ୟମରେ ଉତ୍ପାଦକତା ବୃଦ୍ଧି, ଦକ୍ଷତା ବିକାଶ ତଥା ବିଭିନ୍ନ କ୍ଷେତ୍ରରେ ବିକାଶ ମୂଳକ ପଦକ୍ଷେପର କାର୍ଯ୍ୟାନ୍ୱୟନ ଓ ବିଶ୍ୱସ୍ତରରେ ଅସମାନତାକୁ ହ୍ରାସ କରିବା ନେଇ ନୂତନ ମାର୍ଗ ଉନ୍ମୋଚନ ଉପରେ ଆଲୋଚନା କରାଯିବ ।

## ମାକ୍ରୋନ୍-ପିଏମ୍ ମୋଦୀ-ଜି୭ ସମିଟ୍

ଆସନ୍ତା ୫୨ତମ **G-7** ଶିଖର ସମ୍ମିଳନୀରେ ଯୋଗଦେବା ଲାଗି ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରନ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ନିମନ୍ତ୍ରଣ କରିଛନ୍ତି । ଚଳିତ ବର୍ଷ ହେବାକୁ ଥିବା ଏହି ସମ୍ମିଳନୀ ଫ୍ରାନ୍ସର ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବ । ମୁମ୍ବାଇରେ ଗଣମାଧ୍ୟମକୁ ସମ୍ବୋଧନ କରି ଶ୍ରୀ ମାକ୍ରୋନ୍ **G-7** ଶିଖର ସମ୍ମିଳନୀ ପୂର୍ବରୁ ଆନ୍ତର୍ଜାତିକ କାର୍ଯ୍ୟସୂଚୀ

ଉପରେ ଦ୍ୱିପାକ୍ଷିକ ସହମତି ନେଇ ଭାରତ ଓ ଫ୍ରାନ୍ସ ମଧ୍ୟରେ ଏକ ବୈଠକର ଆୟୋଜନ ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ଭାରତ ବ୍ରିକ୍ସ ଶିଖର ସମ୍ମିଳନୀର ଅଧ୍ୟକ୍ଷତା କରୁଥିବା ବେଳେ ଫ୍ରାନ୍ସ **G-7** ସମ୍ମିଳନୀର ଅଧ୍ୟକ୍ଷତା କରୁଥିବାରୁ ସହଭାଗିତା ପାଇଁ ଏହି ବୈଠକ ବେଶ୍ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି ।

ଉଭୟ ଦେଶର ଯୁବପିଢ଼ି ପାଇଁ ନବସୃଜନର ବ୍ୟାପକ ମାର୍ଗ ଉନ୍ମୁକ୍ତ ହୋଇପାରିବ । ଆମେରିକା, ବ୍ରିଟେନ୍, ଫ୍ରାନ୍ସ, ଜର୍ମାନୀ, ଜାପାନ, ଇଟାଲୀ, କାନାଡ଼ା ଏବଂ ୟୁରୋପୀୟ ସଂଘର ନେତୃବୃନ୍ଦ ବାର୍ଷିକ **G-7** ଶିଖର ସମ୍ମିଳନୀରେ ଅଂଶଗ୍ରହଣ କରିବେ । ଗତବର୍ଷ କାନାଡ଼ା ପ୍ରଧାନମନ୍ତ୍ରୀ ମାର୍କ କାର୍ଣ୍ଣିଙ୍କ ନିମନ୍ତ୍ରଣ କ୍ରମେ ଶ୍ରୀ ମୋଦୀ ଏହି ଶିଖର ସମ୍ମିଳନୀରେ ଯୋଗଦେଇଥିଲେ ।

# ପ୍ରେଜ୍-ଏପି

ଆନ୍ଧ୍ରପ୍ରଦେଶର ବିଶାଖାପାଟଣାଠାରେ ଆଜି ଆନ୍ତର୍ଜାତିକ ଫ୍ଲିଟ୍ ରିଭ୍ୟୁ – ଆଇ.ଏଫ୍.ଆର୍. ୨୦୨୬ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏଥିରେ ଯୋଗଦେବେ । ତିନି ସଶସ୍ତ୍ର ବାହିନୀର ମୁଖ୍ୟ ରାଷ୍ଟ୍ରପତି ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମରେ ଯୋଗଦେବା ସହ ଦେଶର

ନୌଶକ୍ତି, ସାମୁଦ୍ରିକ ଦକ୍ଷତା ଏବଂ ବିଭିନ୍ନ ସହଯୋଗୀ ରାଷ୍ଟ୍ରର ସାମୁଦ୍ରିକ ଶକ୍ତି ପଦକ୍ଷେପର ସମୀକ୍ଷା କରିବେ ।

ଗତ ୧୫ ତାରିଖରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ଜାରି ରହିବ । ୧୦୦ରୁ ଅଧିକ ବନ୍ଧୁତ୍ୱପୂର୍ଣ୍ଣ ରାଷ୍ଟ୍ରଗୁଡ଼ିକର ଜାହାଜ, ବୁଡ଼ାଜାହାଜ, ବିମାନ ଏବଂ ପ୍ରତିନିଧି ମଣ୍ଡଳୀ ଏଥିରେ ଅଂଶଗ୍ରହଣ କରୁଛନ୍ତି । ବିଶ୍ୱ ନୌସେନା, ଶକ୍ତି, ସହଯୋଗ ଏବଂ ଭାରତ ବ୍ୟାପକ ସାମୁଦ୍ରିକ ଦୃଷ୍ଟିକୋଣକୁ ଏହା ପ୍ରତିଫଳିତ କରୁଛି । ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ଲାଗି ରାଷ୍ଟ୍ରପତି ମୁର୍ମୁ ଗତ ସନ୍ଧ୍ୟାରେ ବିଶାଖାପାଟଣାଠାରେ ପହଞ୍ଚିଛନ୍ତି । ଆଇ.ଏନ୍.ଏସ୍. ଡେଗା ନୌସେନା ବିମାନଘାଟି ଠାରେ ରାଷ୍ଟ୍ରପତି ଅବତରଣ କରିବା ପରେ ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ଏସ୍. ଅବଦୁଲ୍ ନାଜିର, ଉପ-ମୁଖ୍ୟମନ୍ତ୍ରୀ ପବନ କଲ୍ୟାଣ, ବିଶାଖାପାଟଣା ସାଂସଦ ଏମ୍. ଶ୍ରୀଭାରତ ପ୍ରମୁଖ ତାଙ୍କୁ ସ୍ୱାଗତ କରିଥିଲେ ।

## ଶାହା-ୱେଷ୍ଟବେଙ୍ଗଲ

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଜି ପଶ୍ଚିମବଙ୍ଗକୁ ଦିନିକିଆ ଗସ୍ତରେ ଯିବେ । କୋଲକାତାରେ ପହଞ୍ଚିବା ପରେ ଶ୍ରୀ ଶାହା **ଶ୍ରୀଲ** ଭକ୍ତି ସିଦ୍ଧାନ୍ତ ସରସ୍ୱତୀ ଠାକୁରଙ୍କ ୧୫୨ତମ ଜନ୍ମ ବାର୍ଷିକୀ ପାଳନ ସମାବେଶରେ

ଅଂଶଗ୍ରହଣ କରିବା ଲାଗି ନୋଡିଆର ମାୟାପୁର ସ୍ଥିତ ଇସ୍କନ୍ ମୁଖ୍ୟାଳୟକୁ ଗସ୍ତରେ ଯିବେ । ଏହି ଗସ୍ତ ଅବସରରେ ଶ୍ରୀ ଶାହା ଜୟପତାକା ସ୍ୱାମୀ ମହାରାଜଙ୍କ ସହ ଆଲୋଚନା ବୈଠକରେ ଯୋଗଦେବା ସହ ମନ୍ଦିର ପରିସରରେ ଆୟୋଜିତ ଏକ ଜନସମାବେଶକୁ ସମ୍ବୋଧନ କରିବାର କାର୍ଯ୍ୟସୂଚୀ ରହିଛି ।

## ଏସ୍‌ସି-ଇଡି

ପଶ୍ଚିମବଙ୍ଗରେ ରାଜନୈତିକ ପରାମର୍ଶଦାତା ସଂସ୍ଥା ଇଣ୍ଡିଆନ୍ ପଲିଟିକାଲ୍ ଆକସନ୍ କମିଟି ଆଇପ୍ୟାକ୍‌ର କାର୍ଯ୍ୟାଳୟ ଏବଂ ଏହାର ସହପ୍ରତିଷ୍ଠାତା ପ୍ରତୀକ ଜୈନଙ୍କ ବାସଭବନରେ ଇଡି ପକ୍ଷରୁ ହୋଇଥିବା ଚଢ଼ାଉ ସଂକ୍ରାନ୍ତ ମାମଲାର ଶୁଣାଣି ଆଜି ସୁପ୍ରିମ୍‌କୋର୍ଟ୍‌ରେ ଅନୁଷ୍ଠିତ ହେବ । ଏହି ଚଢ଼ାଉ ଅଭିଯାନ ସମୟରେ ପଶ୍ଚିମବଙ୍ଗ ସରକାର ଏବଂ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ହସ୍ତକ୍ଷେପ ଅଭିଯୋଗ ନେଇ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ପକ୍ଷରୁ ସୁପ୍ରିମ୍‌କୋର୍ଟ୍‌ରେ ମାମଲାର ଦାୟର କରାଯାଇଛି । ବିଚାରପତି ଜଷ୍ଟିସ୍ ପ୍ରଶାନ୍ତ କୁମାର ମିଶ୍ର ଏବଂ ଜଷ୍ଟିସ୍ କେ.ଭି. ବିଶ୍ୱନାଥନଙ୍କ ଖଣ୍ଡପୀଠରେ ଏହି ମାମଲାର ଆଜି ଶୁଣାଣି ପାଇଁ ଧାର୍ଯ୍ୟ ହୋଇଛି । ଜଣେ ବରିଷ୍ଠ ଓକିଲଙ୍କ ଅସୁସ୍ଥତା କାରଣରୁ ଗତ ସପ୍ତାହରେ ଏହି ମାମଲା ଉପରେ ଶୁଣାଣିକୁ ସ୍ଥଗିତ ରଖାଯାଇଥିଲା ।

# ପିଏମ୍ ମୋଦୀ-ବାଂଲାଦେଶ ପିଏମ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବାଂଲାଦେଶ ପ୍ରତିପକ୍ଷ ତାରିକ୍ ରହମନଙ୍କୁ ପରିବାର ସହ ଭାରତ ଗସ୍ତରେ ଆସିବାକୁ ନିମନ୍ତ୍ରଣ କରିଛନ୍ତି । ଶ୍ରୀ ରହମନଙ୍କୁ ଲେଖିଥିବା ଏକ ପତ୍ରରେ ଶ୍ରୀ ମୋଦୀ ଦୁଇ ରାଷ୍ଟ୍ର ମଧ୍ୟରେ ବହୁମୁଖୀ ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ନେଇ ବି.ଏନ୍.ପି. ନେତୃମଣ୍ଡଳୀ ସହ ଘନିଷ୍ଠ ଭାବେ କାର୍ଯ୍ୟ କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି । ଭାରତ ଏବଂ ବାଂଲାଦେଶ ମଧ୍ୟରେ ପଡ଼ୋଶୀ ରାଷ୍ଟ୍ର ଭାବେ ସୁଦୃଢ଼ ଦ୍ୱିପାକ୍ଷିକ ସମ୍ପର୍କ ରହିଛି । ଇତିହାସ, ସାଂସ୍କୃତିକ ସମ୍ପର୍କ, ଶାନ୍ତି ଏବଂ ଲୋକଙ୍କ ଆକାଂକ୍ଷା ଉପରେ ଏହା ପର୍ଯ୍ୟବେଶିତ ବୋଲି ଶ୍ରୀ ମୋଦୀ ଉଲ୍ଲେଖ କରିଛନ୍ତି ।

ଶ୍ରୀ ରହମାନଙ୍କୁ ସଂସଦୀୟ ନିର୍ବାଚନରେ ବିଜୟ ପାଇଁ ଅଭିନନ୍ଦନ ଜଣାଇ ଶ୍ରୀ ମୋଦୀ ଏହି ବିଜୟକୁ ବାଂଲାଦେଶ ନାଗରିକଙ୍କର ବିଶ୍ୱାସର ପ୍ରତିଫଳନ ବୋଲି ବର୍ଣ୍ଣନା କରିଛନ୍ତି । ଶ୍ରୀ ରହମାନଙ୍କ' ଦେଶରେ ଶାନ୍ତି, ସ୍ଥିରତା ଏବଂ ବିକାଶ ଦୃଷ୍ଟିକୋଣରୁ ବାଂଲାଦେଶବାସୀ ସମର୍ଥନ ପ୍ରଦାନ କରିଛନ୍ତି । ବାଣିଜ୍ୟ, ପ୍ରଯୁକ୍ତିବିଦ୍ୟା, ଶିକ୍ଷା, ଦକ୍ଷତା ବିକାଶ, ଶକ୍ତି, ସ୍ୱାସ୍ଥ୍ୟସେବା, ସାଂସ୍କୃତିକ ଏବଂ ଜନ-ସହଯୋଗୀତା ମାଧ୍ୟମରେ ବିଭିନ୍ନ କ୍ଷେତ୍ରରେ ସମ୍ପର୍କ ବୃଦ୍ଧି ନେଇ ଶ୍ରୀ ମୋଦୀ ଗୁରୁତ୍ୱପ୍ରଦାନ କରିଛନ୍ତି ।

ଶ୍ରୀ ରହମାନ ଗତକାଲି ବାଂଲାଦେଶର ନୂତନ ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି । ସମାରୋହରେ ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କ ନେତୃତ୍ୱରେ ଏକ ଭାରତୀୟ ପ୍ରତିନିଧି ମଣ୍ଡଳୀ ଯୋଗଦେଇଥିଲେ । ଗତ ୧୨ ତାରିଖରେ ଅନୁଷ୍ଠିତ ତ୍ରୟୋଦଶ ସଂସଦୀୟ ନିର୍ବାଚନରେ ବି.ଏନ୍.ପି. ୪୯ ଦଶମିକ୍ ୯/୭ ପ୍ରତିଶତ ଭୋଟ ପାଇ ୨୦୯ଟି ଆସନରେ ବିଜୟ ଲାଭ କରିଥିଲା ।

## ଡିଫେନ୍ସ-ଫ୍ରାନ୍ସ

କର୍ଣ୍ଣାଟକରେ ଗତକାଲି ଅନୁଷ୍ଠିତ ଷଷ୍ଠ ଭାରତ-ଫ୍ରାନ୍ସ ବାର୍ଷିକ ପ୍ରତିରକ୍ଷା ଆଲୋଚନା ବୈଠକରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏବଂ ଫ୍ରାନ୍ସ ସଶସ୍ତ୍ର ବାହିନୀ ଏବଂ ଉତ୍କର୍ଷ ବ୍ୟାପାର ମନ୍ତ୍ରୀ କ୍ୟାଥ୍ରିନ୍ ଭାଉଟ୍ରିନ୍ ସହ ଅଧ୍ୟକ୍ଷତା କରିଥିଲେ । ଉଭୟ ନେତା ଦ୍ୱିପାକ୍ଷିକ ରଣନୈତିକ ସହଭାଗିତାର ଏକ ପ୍ରମୁଖ କ୍ଷେତ୍ର ଭାବେ ସାମରିକ ସାମର୍ଥ୍ୟ ସହଯୋଗକୁ ବୃଦ୍ଧି କରିବା ନେଇ ପରସ୍ପରର ଅଙ୍ଗୀକାରବଦ୍ଧତା ପ୍ରକାଶ କରିଛନ୍ତି । ଶ୍ରୀ ସିଂହ କହିଛନ୍ତି, ଭାରତ-ୟୁରୋପୀୟ ସଂଘ ସୁରକ୍ଷା ଓ ପ୍ରତିରକ୍ଷା ସହଭାଗିତା ସାମୂହିକ ସମ୍ପର୍କକୁ ସୁଦୃଢ଼ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ।

ଭାରତ ଏବଂ ଫ୍ରାନ୍ସ  ପରସ୍ପରର ସମ୍ପର୍କ ସ୍ଥାପନ ଅଧିକାରୀଙ୍କ ନିଯୁକ୍ତି ନେଇ ଘୋଷଣା କରିଛନ୍ତି । ଦ୍ୱିପାକ୍ଷିକ ଦଶବର୍ଷିଆ ପ୍ରତିରକ୍ଷା ସହଯୋଗ ଚୁକ୍ତିନାମାର ନବୀକରଣ ନେଇ ପଦକ୍ଷେପ ଗ୍ରହଣ କରାଯାଇଛି । ଭାରତ ପକ୍ଷରୁ ପ୍ରତିରକ୍ଷା ସଚିବ ଏବଂ ଫ୍ରାନ୍ସ ପକ୍ଷରୁ ଆନ୍ତର୍ଜାତିକ ସମ୍ପର୍କ ଓ ରଣନୀତି କ୍ଷେତ୍ର ଉପ-ମହାନିର୍ଦ୍ଦେଶକ ଏହି ଚୁକ୍ତିନାମାରେ ସ୍ୱାକ୍ଷର କରିଛନ୍ତି । ଶ୍ରୀ ସିଂହ କହିଛନ୍ତି, ଭାରତ-ମହାସାଗର କ୍ଷେତ୍ରର ଦେଶଗୁଡ଼ିକ ପାଇଁ ପ୍ରଥମ ପ୍ରତିକ୍ରିୟାକାରୀ ଏବଂ ତ୍ୱରିତ ସୁରକ୍ଷା ପ୍ରଦାନକାରୀ ରାଷ୍ଟ୍ର ଭାବେ ଭାରତ ଉଭା ହୋଇଛି ।

ପ୍ରତିରକ୍ଷା, ଆଭ୍ୟନ୍ତରୀଣ ସୁରକ୍ଷା ଏବଂ ସାମୁଦ୍ରିକ କ୍ଷେତ୍ରରେ ଦକ୍ଷତା ବୃଦ୍ଧି ସହିତ ଯେକୌଣସି ପ୍ରକାର ଆହ୍ୱାନକୁ ପ୍ରତିହତ କରିବାରେ ଭାରତ ସହାୟତା ପ୍ରଦାନ କରିଆସୁଛି ବୋଲି ଶ୍ରୀ ସିଂହ କହିଛନ୍ତି । ଏହି ଅବସରରେ ଭାରତ ଇଲେକ୍ଟ୍ରୋନିକ୍ସର ଲିମିଟେଡ୍‌ର ଅଧ୍ୟକ୍ଷ ଏବଂ ପରିଚାଳନା ନିର୍ଦ୍ଦେଶକ ଓ ଫ୍ରାନ୍ସର ସଫରାନ୍ ଇଲେକ୍ଟ୍ରୋନିକ୍ସ ଏବଂ ପ୍ରତିରକ୍ଷା କାର୍ଯ୍ୟନିର୍ବାହୀ ଉପାଧ୍ୟକ୍ଷଙ୍କ ମଧ୍ୟରେ ଭାରତରେ ହାମର କ୍ଷେପଣାସ୍ତ୍ର ନିର୍ମାଣ ନେଇ ଏକ ମିଳିତ ଉଦ୍ୟମ ଉପରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି ।

# କ୍ରିକେଟ୍-ୱାର୍ଲ୍ଡକପ୍

ଆଇ.ସି.ସି. ପୁରୁଷ ଟି-ଟ୍ୱେଣ୍ଟି ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗିତାର ଗତକାଲିର ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍‌ରେ ନେପାଳ ବିଜୟୀ ହୋଇଛି । ମୁମ୍ବାଇର ୱାଙ୍ଖେଡ଼େ ଷ୍ଟାଡିୟମ୍‌ରେ ଗତ ସନ୍ଧ୍ୟାରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ସ୍କଟ୍‌ଲ୍ୟାଣ୍ଡକୁ ନେପାଳ ୭ ୱିକେଟ୍‌ରେ ପରାସ୍ତ କରିଛି । ଟସ୍ ଜିତି ନେପାଳ ପ୍ରଥମେ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା । ସ୍କଟ୍‌ଲ୍ୟାଣ୍ଡ ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ୍ ବିନିମୟରେ ୧୭୦ରନ୍ ସଂଗ୍ରହ କରିଥିଲା । ବିଜୟ ଲକ୍ଷ୍ୟକୁ ନେପାଳ ୧୯ ଓଭର ୨ଟି ବଲ୍‌ରେ ୩ ୱିକେଟ୍ ବିନିମୟରେ ହାସଲ କରିପାରିଥିଲା । ନେପାଳର ଦୀପେନ୍ଦ୍ର ସିଂହ ଆଇରିଙ୍କୁ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ବିବେଚନା କରାଯାଇଛି ।

ଜିମ୍ବାୱେ ଏବଂ ଆୟରଲ୍ୟାଣ୍ଡ ମଧ୍ୟରେ ଆୟୋଜିତ ଗତକାଲିର ଦ୍ୱିତୀୟ ମ୍ୟାଚ୍ ବର୍ଷା ଯୋଗୁଁ ସମ୍ଭବ ହୋଇପାରି ନଥିଲା । ପାଲେକେଲେ ଷ୍ଟାଡିୟମ୍‌ରେ ହେବାକୁ ଥିବା ଏହି ମ୍ୟାଚ୍‌ରେ ଜିମ୍ବାୱେ ଏବଂ ଆୟରଲ୍ୟାଣ୍ଡ ମଧ୍ୟରେ ପଏଣ୍ଟ ସମାନ ଭାବରେ ଭାଗ ହେବାରୁ ଜିମ୍ବାୱେ ଗ୍ରୁପ୍-ବି'ର ଦ୍ୱିତୀୟ ଦଳ ଭାବେ ସୁପର୍-୮ ପର୍ଯ୍ୟାକୁ ଉନ୍ନିତ ହୋଇଛି । ଏହି ଗ୍ରୁପ୍‌ର ଅନ୍ୟ ଦଳ ଭାବେ ଶ୍ରୀଲଙ୍କା ସୁପର୍-୮ରେ ପହଞ୍ଚିଛି । ଅନ୍ୟ ପକ୍ଷରେ ଗ୍ରୁପ୍-ସି'ରୁ ୱେଷ୍ଟଇଣ୍ଡିଜ୍ ସୁପର୍-୮କୁ ଉନ୍ନିତ ହୋଇଥିବା ବେଳେ ଇଂଲଣ୍ଡ

ଏହି ଗ୍ରୁପ୍‌ର ଦ୍ୱିତୀୟ ଦଳ ଭାବେ ସୁପର୍-୮ରେ ପହଞ୍ଚିଛି । ଅଷ୍ଟ୍ରେଲିଆ ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡ଼ିଛି ।

ଆଜି ତିନୋଟି ମ୍ୟାଚ୍ ଅନୁଷ୍ଠିତ ହେବ । ପୂର୍ବାହ୍ନ ୧୧ଟାରେ ଦିଲ୍ଲୀର ଅରୁଣ ଜେଟ୍‌ଲୀ ଷ୍ଟାଡିୟମ୍ ଠାରେ ଦକ୍ଷିଣ ଆଫ୍ରିକା ଏବଂ ୟୁ.ଏ.ଇ. ମଧ୍ୟରେ ମ୍ୟାଚ୍ ଖେଳାଯିବ । ଅପରାହ୍ଣ ୩ଟାରେ କଲମ୍ବୋରେ ପାକିସ୍ତାନ-ନାମିବିୟା ମଧ୍ୟରେ ଏବଂ ସନ୍ଧ୍ୟା ୭ଟାରେ ଅହମ୍ମଦାବାଦ୍‌ଠାରେ ଭାରତ ଓ ନେଦରଲ୍ୟାଣ୍ଡ ମଧ୍ୟରେ ମ୍ୟାଚ୍ ଖେଳାଯିବ ।

# ଏସିଆକପ୍

ଏ.ସି.ସି. ମହିଳା ଏସିଆକପ୍ ରାଇଜିଂ ଷ୍ଟାରସ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ପାଇଁ ଭାରତ ନେପାଳକୁ ୭ ଓ୍ୱିକେଟ୍‌ରେ ପରାସ୍ତ କରିଛି । ଏଥିସହ ସେମିଫାଇନାଲ୍ ପର୍ଯ୍ୟାୟରେ ଭାରତ ନିଜର ସ୍ଥାନ ପକ୍କା କରିଛି । ଗ୍ରୁପ୍-ଏ’ ପର୍ଯ୍ୟାୟ ମ୍ୟାଚ୍‌ରେ ଭାରତର ଏହା ଦ୍ୱିତୀୟ ବିଜୟ । ପଏଣ୍ଟ ତାଲିକାରେ ଭାରତ ଶୀର୍ଷ ସ୍ଥାନରେ ରହିଛି । ଗତକାଲିର ମ୍ୟାଚ୍‌ରେ ନେପାଳ ପ୍ରଥମେ ବ୍ୟାଟିଂ କରି ୧୮ ଓଭରରେ ସମସ୍ତ ଓ୍ୱିକେଟ୍ ହରାଇ ୭୮ରନ୍ କରିଥିଲା । ବିଜୟ ଲକ୍ଷ୍ୟକୁ ଭାରତ ୭ ଓଭର ୫ଟି ବଲ୍‌ରେ ୩ଟି ଓ୍ୱିକେଟ୍ ବିନିମୟରେ ହାସଲ କରିପାରିଥିଲା । ତନୁଜା ଅନଓ୍ୱର ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି ।